# ଦୁର୍ଘଟଣାରେ ଯୁବକ ମୃତ: ମୁଖ୍ୟରାସ୍ତା ଅବରୋଧ, ଟ୍ରକ ଜବତ

ନରସିଂହପୁର,(ସବ୍ୟୁ) : କଟକଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଥାନା କୁମ୍ଭୀରତଇଲା-ବାସେଳୀହତା ରାସ୍ତାରେ ଏକ ଆଇଚର ଟ୍ରକ ସୋମବାର ସନ୍ଧ୍ୟାରେ ଚାଲିଚାଲି ଘରକୁ ଯାଉଥିବାଜଣେ ବ୍ୟକ୍ତିଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା । ଏହି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ବଡମ୍ବା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ ।ଏହି ଘଟଣାକୁ ନେଇ ମଙ୍ଗଳବାର ଦିନ କୁମ୍ଭୀରତଇଲା ଗ୍ରାମବାସୀ ଓ ପରିବାର ଲୋକେ ନରସିଂହପୁର-ବଡମ୍ବା ମୁଖ୍ୟରାସ୍ତାର ବାସେଳିହତା ଛକ ଠାରେ ୬୫ ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ କିମ୍ଭୀରତଇଲା ଗ୍ରାମର ଆକୁଳ ବେହେରା(୫୮)ବାସେଳୀହତା ଛକରୁ ନିଜ କାମସାରି ଘରକୁ ଫେରୁଥିଲେ । ସେହି ସମୟରେ ସମ୍ମୁଖରୁ ଆସୁଥିବା ଏକ ଆଇଚର ଟ୍ରକ ଦଶରଥୀପୁର ଗ୍ରାମରୁ ସିମେଣ୍ଟ ଖାଲି କରି ଫେରୁଥିବା ବେଳେ ହଠାତ ଆକୁଳକୁ ଧକ୍କା ଦେଇଥିଲା । ଯାହାଫଳରେ ଆକୁଳକୁ ସ୍ଥାନୀୟ ଲୋକେ ଅଚେତ ଅବସ୍ଥାରେ ବଡମ୍ବା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ଏହି ଘଟଣାକୁ ନେଇମଙ୍ଗଳବାର କୁମ୍ଭୀରତଇଲା ଗ୍ରାମବାସୀ ଓ ପରିବାର ଲୋକେ ନରସିଂହପୁର-ବଡମ୍ବା ମୁଖ୍ୟରାସ୍ତାର ବାସେଳିହତା ଛକ ଠାରେ ୬୫ ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ ।ରାସ୍ତା ଅବରୋଧର ଖବର ପାଇ କାନପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇବା ସହିତ ଟ୍ରକଟିକୁ ଜବତ କରି ଲୋକମାନଙ୍କୁ ବୁଝାସୁଝା କରିଥିଲେ । ରାସ୍ତା ଅବରୋଧର କିଛି ସମୟ ପରେଘଟଣା ସ୍ଥଳରେ ନରସିଂହପୁର ତହସିଲଦାର ଅମ୍ରିତା ସାହୁ ପହଁଞ୍ଚି ମୃତ ପାରିବାରର ଲୋକଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ଦୁର୍ଘଟଣା ଘଟାଇଥିବା ଟ୍ରକ ମଲିକ ମୃତ ପରିବାରର ବ୍ୟକ୍ତିଙ୍କୁ କାମରେ ନିୟୋଜିତ ପ୍ରତିଶ୍ରୁତି ଏବଂ ରେଡ଼କ୍ରସ ପାଣ୍ଠିରୁ ଉକ୍ତ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ପରେ ରାସ୍ତା ଅବରୋଧ ହଟିଥିଲା ।

# ଆମ ବସ ରହଣି ଦାବିରେ ଏକାଠି ହେଲେ ଗ୍ରାମବାସୀ

ଫୁଲନଖରା :(ସବ୍ୟୁ) ବୟାଳିଶମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଗ୍ରାମର କଣ୍ଟୁଣିଆ ଅଞ୍ଚଳରେ ରାଧାମାଧବ ମନ୍ଦିର ନିକଟରେ "ଆମ ବସ'ର ଏକ ସ୍ଥାୟୀ ରହଣି ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି ଉଠିଛି । ଦୀର୍ଘ ଦିନ ଧରି ଏହି ଅଞ୍ଚଳର ଲୋକମାନେ ଭୋଗୁଥିବା ଯାତାୟାତ ଦୁର୍ଭୋଗକୁ ନେଇ ଅସନ୍ତୋଷ ବଢ଼ିବା ପରେ ଆଜି ସକାଳୁ ଗ୍ରାମର ମହିଳା, ପୁରୁଷ ଓ ବରିଷ୍ଠ ନାଗରିକମାନେ ଏକାଠି ହୋଇ ନିଜ ଦାବିକୁ ଜୋରଦାର ଭାବେ ଉପସ୍ଥାପନ କରିଛନ୍ତି । ସୂଚନା ଅନୁଯାୟୀ, କନ୍ଦରପୁରରୁ ଧବଳେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ୮୩ ନମ୍ବର ରୁଟ୍ର "ଆମ ବସ'କୁ କଣ୍ଟୁଣିଆ ଅଞ୍ଚଳରେ ଅଟକାଇ ଗ୍ରାମବାସୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଡ୍ରାଇଭର ଓ କଣ୍ଡକଟରଙ୍କୁ ଅବଗତ କରାଇଥିଲେ । ବସ କର୍ମଚାରୀମାନେ ଏହି ପ୍ରସଙ୍ଗରେ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଦାବି ଜଣାଇବାକୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି, ବେଣ୍ଟକାର ଗ୍ରାମର ପ୍ରବେଶ ପଥରେ ଏକ "ଆମ ବସ' ଷ୍ଟପେଜ ଥିଲେ ମଧ୍ୟ କଣ୍ଟୁଣିଆ ଓ ଗ୍ରାମର ଭିତର ଅଞ୍ଚଳରେ କୌଣସି ରହଣି



ବ୍ୟବସ୍ଥା ନାହିଁ । ଫଳସ୍ୱରୂପ ଲୋକମାନଙ୍କୁ ପ୍ରତିଦିନ ୪୦୦ରୁ ୫୦୦ ମିଟର ପର୍ଯ୍ୟନ୍ତ ପାଦରେ ଚାଲି ବସ ଧରିବାକୁ ପଡୁଛି । ବିଶେଷକରି ହାତରେ ବ୍ୟାଗ, ଲଗେଜ କିମ୍ବା ଅନ୍ୟ ସାମଗ୍ରୀ ଥିଲେ ଏହି ଦୂରତା ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏଥିପାଇଁ ମହିଳା, ବୃଦ୍ଧବୃଦ୍ଧା ଓ ସ୍କୁଲ-କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ସର୍ବାଧିକ ହଇରାଣ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କଣ୍ଟୁଣିଆ ଅଞ୍ଚଳଟି ଜନବହୁଳ ହୋଇଥିବା ସେ%୦ ଏଠାରେ ବସ ରହଣି ନଥିବାରୁ ଲୋକମାନଙ୍କୁ ଦୈନନ୍ଦିନ କାର୍ଯ୍ୟ, ଚିକିତ୍ସା, ଶିକ୍ଷା ଏବଂ ବଜାର ଯାତାୟାତ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ବର୍ଷା ଓ ଖରା ଦିନରେ ଏହି ସମସ୍ୟା ଆହୁରି ଗୁରୁତର ହୋଇପଡୁଛି । ଏହି ପ୍ରସଙ୍ଗରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଶତାଧିକ ସଓ୍ୱାକ୍ଷର ସମ୍ବଳିତ ଦରଖାସ୍ତ "ଆମ ବସ' କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ରାଧାମାଧବ ମନ୍ଦିର ନିକଟରେ ଏକ ବସ ରହଣି ସ୍ଥାପନ ହେଲେ କେବଳ କଣ୍ଟୁଣିଆ ନୁହେଁ, ଆଖପାଖ ଅଞ୍ଚଳର ଶତାଧିକ ଯାତ୍ରୀ ମଧ୍ୟ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି । ଗ୍ରାମର ବରିଷ୍ଠ ନାଗରିକ ପ୍ରଫୁଲ ଚନ୍ଦ୍ର ମହାପାତ୍ର, ସୁଜିତ କୁମାର ପତି, ସୁଶିଲ କୁମାର ସତପଥୀ, ଅଶୋକ କୁମାର ପତି, ଧ୍ରୁବ ଚରଣ ମହାପାତ୍ର, ବିଷ୍ଣୁ ଚରଣ ପତି, ପ୍ରଦୀପ୍ତ ମହାପାତ୍ର, ବସନ୍ତ ସତପଥୀ, ମାନସ ପତି, ମଦନ ମହାପାତ୍ରଙ୍କ ସମେତ ବହୁ ମହିଳା ଓ ଯୁବ ପ୍ରତିନିଧି ଏହି ଦାବିରେ ସାମିଲ ହୋଇଥିଲେ । ଗ୍ରାମବାସୀମାନେ କହିଛନ୍ତି ଯେ, ସାଧାରଣ ଜନତାଙ୍କ ସୁବିଧା ପାଇଁ ସରକାର "ଆମ ବସ' ସେବା ଆରମ୍ଭ କରିଥିବା ବେଳେ କଣ୍ଟୁଣିଆ ଭଳି ଜନବହୁଳ ଅଞ୍ଚଳରେ ରହଣି ବ୍ୟବସ୍ଥା ନଥିବା ଦୁଃଖଦ ବିଷୟ । ତେଣୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ରାଧାମାଧବ ମନ୍ଦିର ନିକଟରେ "ଆମ ବସ'ର ଏକ ସ୍ଥାୟୀ ଷ୍ଟପେଜ ଓ ରହଣି ବ୍ୟବସ୍ଥା କରିବାକୁ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି । ଏହି ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି ।

# ପୁଣି ବୃଦ୍ଧକେଶ୍ୱର ମନ୍ଦିରରୁ ଚୋରି

ବାଲିପାଟଣା,(ସବ୍ୟୁ);ବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ଅଞ୍ଚଳ ଏବେ ଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି । ଗତ କିଛି ଦିନ ମଧ୍ୟରେ ଚୋରି, ରାହାଜାନି , ଲୁଟ,ଦିନ ଦିପହରେ ଯୁବକଙ୍କୁ ପିଟି ପିଟି ହତ୍ୟା, ଅବାଧ ନିଶା କାରବାର ଭଳି ବହୁ ସଙ୍ଗୀନ ମାମଲା ସ୍ଥାନୀୟ ପୁଲିସର ନିଷ୍କ୍ରିୟତାକୁ ପ୍ରମାଣିତ କରୁଛି । ଫଳରେ ସାଧାରଣ ଜନତା ଏବଂ ଦେବାଦେବୀ ଅସୁରକ୍ଷିତ ହୋଇ ପଡିଛନ୍ତି ।ଚୋରମାନେ ଠାକୁରଙ୍କୁ ବି ଛାଡୁ ନାହାନ୍ତି ପୁଲିସ କେବଳ ଲୋକ ଦେଖାଣିଆ ଭାବେ ତଦନ୍ତ ଆଳରେ ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଛି । ପୁଲିସର ଅପାରଗତା ଚୋରଙ୍କୁ ବେଶ ସୁହାଉଛି ।ସୂଚନା ଅନୁସାରେ, ଗତ ମାସ ୨୦ ତାରିଖରେ ବନମାଳୀପୁର ଫାଣ୍ଡି ଅଧୀନ ଦେଉଳିଧରପୁର ସ୍ଥିତ ବୃଦ୍ଧିକେଶ୍ୱର ମନ୍ଦିରରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଦାନ ହୁଣ୍ଡିରୁ ନଗଦ ୧୩ ହଜାର ଟଙ୍କା ଓ ୨ ଟି ବଡ଼ ପିତଳ ଘଣ୍ଟି , ୨ ଟି ବଡ଼ ପିତଳ ଥାଳି , ୨ ଟି ପିତଳ ଡାଲ ଏବଂ ଗୋଟିଏ ପିତଳ ବାଲଟି ସହ ବହୁ ବାସନକୁସନ , ଗ୍ୟାସ ସିଲିଣ୍ଡର ପ୍ରଭୃତି ଚୋରି କରି ନେଇଯାଇଥିଲେ । ଉକ୍ତ ଚୋରି ଘଟଣାରେ ପୁଲିସ ତତ୍ପରତା ଦେଖାଇ ଥିଲା । ସନ୍ଧାନୀ କୁକୁର ସାହାଯ୍ୟ ନିଆଗଲା ହେଲେ ଚୋରଙ୍କ ଟେର ମିଳି ପାରିଲା ନାହିଁ ଗ୍ରାମବାସୀ ପୁଣି ଏକ ଲିଖିତ ଅଭିଯୋଗ କରିଛନ୍ତିପୁଣି ଗତକାଲି ରାତିରେ ଦୁର୍ବୃତ୍ତମାନେ ପୁଣି ବୃଦ୍ଧିକେଶ୍ୱର ମନ୍ଦିରରେ କଳାକନା ବୁଲାଇଛନ୍ତି ।ପ୍ରଥମ ଚୋରିରେ ଛାଡି ଯାଇଥିବା ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି । ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ଅନୁସାରେ ମନ୍ଦିର ପ୍ରାଙ୍ଗଣରେ ଥିବା ଘର ତାଲା ଭାଙ୍ଗି ମୂଲ୍ୟବାନ ସାଉଣ୍ଡ ମେସିନ ( ଆହୁଜା ) , ଷ୍ଟାଣ୍ଡ , ମାଇକ୍ରୋଫୋନ , ସାଉଣ୍ଡ ସିଷ୍ଟମ , ବୈଦୁତିକ ଉପକରଣ ସହ ବାସନକୁସନ ଲୁଟ ହୋଇଥିବା ଜଣା ପଡିଛି । ବୁଧବାର ସକାଳୁ ପୂଜକ ମନ୍ଦିରକୁ ପୂଜା କରିବାକୁ ଆସିବା ବେଳେ ମନ୍ଦିର ପ୍ରାଙ୍ଗଣରେ ଥିବା ଘର ତାଲା ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ମନ୍ଦିର ଚୋରି ବାବଦରେ ଗ୍ରାମବାସୀ ପୁଣି ଏକ ଲିଖିତ ଅଭିଯୋଗ କରିଛନ୍ତି ପୁଲିସ ଘଟଣାକୁ କେତେ ଗମ୍ଭୀରତା ସହ ନେଉଛି ତାହା ଦେଖିବାକୁ ବାକି ରହିଛି ।

# ଏସଆଇଆର ସଂଶୋଧନ ସଚେତନତା ରଥର ଶୁଭାରମ୍ଭ

ବାଙ୍କୀ ,(ସବ୍ୟୁ): ଭାରତର ଗଣତନ୍ତ୍ରର ମୂଳ ଭିତ୍ତି ହେଉଛି ନିର୍ବାଚନ ପ୍ରକ୍ରିୟା ଏବଂ ଏକ ନିର୍ଭୁଲ ଓ ସଠିକ ଭୋଟର ତାଲିକା ଏହି ପ୍ରକ୍ରିୟାର ମୂଳ ଆଧାର । ଏହି ଉଦ୍ଦେଶ୍ୟରେ (ଏସଆଇଆର୍) ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା । ବାଙ୍କୀ ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ ସଚେତନ କରିବା ପାଇଁ ସୋମବାର ଦିନ ଏକ ସଚେତନତା ରଥକୁ ଉପଜିଲ୍ଲାପାଳ, ବାଙ୍କୀ ଶ୍ରୀମତୀ ମୋନୋସିନୀ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତି ଜେ. କଳ୍ପନା, ଡେପୁଟି କଲେକଟର ରଞ୍ଜିତା ଲେଙ୍କା, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ଯୁଝାରସିଂ ଓ ପର୍ଶୁରାମ ମଲ୍ଲିକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳି ଚରଣ ତ୍ରିପାଠୀ, ନାଜର ପଠାଣି ବାରିକଙ୍କ ସମେତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ବସ ସେବା ବନ୍ଦ :ଯାତ୍ରୀ ହନ୍ତସନ୍ତ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକରେ ଗତ ଦୁଇଦିନ ହେବ ଲକ୍ଷ୍ମୀ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହୋଉଥିବା ଦେଖିବାକୁ ମିଳିଛି । ଚାଳକମାନଙ୍କ ବିଭିନ୍ନ ଅଭିଯୋଗ ନେଇ ଆନ୍ଦୋଳନ କରିବାରୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ବନ୍ଦ ରହିଛି ।ଗତ ରବିବାର ଦିନ ଜଣେ ଚାଳକ ୧୨ ଘଣ୍ଟା କାର୍ଯ୍ୟ କରିବା ପରେ ପୁଣି ସଂଧ୍ୟା ସମୟରେ ପୁରୀ ବସ କଲର କରିବାକୁ ନେଇ ଯିବା ପାଇଁ କତୃପକ୍ଷ କହିଥିଲେ ।ଉକ୍ତ ଚାଳକ ଜଣକ ପ୍ରସ୍ତୁତ ଥିଲେବି ବିଳମ୍ବିତ ରାତ୍ରରେ କିଭଳି ପୁରୀରୁ ଘରକୁ ଫେରିବା କଥା କହିବାରୁ କତୃପକ୍ଷ କିଛି ବୁଝୁନଥିଲେ ।ପରଦିନ ସକାଳୁ ବିନା କାରଣରେ ଚାଳକ ଜଣକୁ ବସ ନଚଲେଇବାକୁ କତୃପକ୍ଷ ମନା କରିବାରୁ ସମସ୍ତ ଚାଳକମନେ ଏକଜୁଟ ହୋଇ ବସ ସେବା ବନ୍ଦ କରି ପ୍ରତିବାଦ କରିଥିଲେ ।ମଙ୍ଗଳବାର ଦିନ କଣାସ ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ପିଟିପିଏଲ କତୃପକ୍ଷ , ଓଏସଆରଟିସି ସୁପରଭାଇଜର ଓ ଚାଳକଙ୍କ ମଧ୍ୟରେ ଦୀର୍ଘ ସମୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ପିଟିପିଏଲ କତୃପକ୍ଷ ଓ ଓଏସଆରଟିସି ସୁପରଭାଇଜରଙ୍କ କହିବା କଥା ଚାଳକମାନେ ବିଭିନ୍ନ କାରଣ ନେଇ ବସ ବନ୍ଦ କରିଦେଉଛନ୍ତି ।ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି । ବର୍ଷକ ଭିତରେ ଚାଳକମାନଙ୍କର ବିଭିନ୍ନ ଅଭିଯୋଗ ନେଇ ୭ ଥର ଆଲୋଚନା କରାଗଲାଣି । ସମାଧାନ କରାଗଲେ ମଧ୍ୟ କିଛି ଦିନ ପରେ ପୁଣି ସେଇ ସମସ୍ୟା ନେଇ ଚାଳକ ମାନେ ବସ ବନ୍ଦ କରିଦେଉଛନ୍ତି ।

ଶେଷରେ ସମାଧାନ ହେଲା ଲକ୍ଷ୍ମୀ ବସ ଚଳାଉଥିବା ସ୍ଥାନୀୟ ଅଂଚଳର ଚଳକମନେ ଅନ୍ୟ ବ୍ଲକରେ ବସ ଚଳାଇବେ ଓ ଅନ୍ୟ ବ୍ଲକରେ ବସ ଚଳାଉଥିବା ଚାଳକମାନେ କଣାସ ବ୍ଲକରେ ବସ ଚଳାଇବେ ।

# ବ୍ରାଉନ ସୁଗାର ଜବତ, ଅଭିଯୁକ୍ତ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ପୋଲିସ ବୁଧବାର ସକାଳେ ଚଢ଼ାଉ କରି ସ୍ଥାନୀୟ ରାମପୁର ଛକ ସ୍ଥିତ ରେଲୱେ ଓଭର ବ୍ରିଜ ତଳୁ ବେଆଇନ କାରବାର ହେଉଥିବା ୧୦.୬ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛନ୍ତି ଓ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେ ହେଲେ ବାଲୁଗାଁ ଗୋପୀନାଥପୁର ନୂଆ ସାହିର ସୁନୀଲ ପାତ୍ରୀ ଓରଫ ନଣ୍ଡା (୩୧) । ବାଲୁଗାଁ ଥାନା କେସ ନଂ ୨୫୧/୨୬, ଏନ ଡ଼ି ପି ଏସ ଧାରା ୨୧(ବି) ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, ବାଲୁଗାଁ ଅଞ୍ଚଳରେ ବ୍ୟାପକ ଧଳା ଜହର କାରବାର ହେଉଥିବା ନେଇ ପୋଲିସରେ ଅଭିଯୋଗ ହୋଇଆସୁଥିଲା । ତେବେ ବାଲୁଗାଁ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇ ଆଇ ସି ଶ୍ରଦ୍ଧା ନାୟକ ଏହି କାରବାରକୁ ରୋକିବା ପାଇଁ ଜାଲ ବିଛାଇଥିଲେ । ଏପରି ସ୍ଥଳେ ବୁଧବାର ସକାଳେ ରାମପୁର ଛକ ସ୍ଥିତ ଓଭର ବ୍ରିଜ ତଳେ ଧଳା ଜହର କାରବାର ହେବାକୁ ଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ତଦନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର




ସ୍ମିତ ପାର୍ଶଉମଦାସଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସଡ଼ିପିଓ ସଞ୍ଜୟ ପଟ୍ଟନାୟକ ଏବଂ ଆଇ ଆଇ ସି ଶ୍ରଦ୍ଧା ନାୟକଙ୍କ ତତ୍ୱାବଧାନରେ ଏକ ଟିମ ଗଠନ କରାଯାଇଥିଲା ।ଏସ ଆଇ ରସନା ନାୟକଙ୍କ ନେତୃତ୍ୱରେ ଉକ୍ତ ଟିମ ସଦଳେବେଳେ ସକାଳ ପ୍ରାୟ ୯ଟାରେ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ସୁନୀଲ ଠାରୁ ଏକ ଜରି ପ୍ୟାକେଟରେ ଥିବା ବ୍ରାଉନ ସୁଗାର, ନଗଦ ୯୯୦ ଟଙ୍କା ଏବଂ ଗୋଟେ ମୋବାଇଲ ଫୋନ ଜବତ କରିଥିଲେ । ଜବତ ବ୍ରାଉନ ସୁଗାରର ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି । ଏହି କାରବାରରେ ସମ୍ପୃକ୍ତ ଅନ୍ୟ ମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଆଇ ଆଇ ସି ନାୟକ କହିଛନ୍ତି ।

# ରାସ୍ତା କାର୍ଯ୍ୟକୁ ନେଇ ଶାସକଦଳ ଦୁଇ ଗୋଷ୍ଠୀ ମୁହାଁମୁହିଁ : ଘଟଣା ସ୍ଥଳରେ ପୋଲିସ, ଯନ୍ତ୍ରୀ

ଗୋପ,(ସବ୍ୟୁ) : ରାସ୍ତା କାର୍ଯ୍ୟକୁ ନେଇ ଶାସକ ବିଜେପି ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଉତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି ।ତେବେ ଖବର ପାଇ ଗୋପ ଥାନା ଇନିସିପେକଟର ,ବ୍ଲକର ଯନ୍ତ୍ରୀ ଓ ଉପାଧ୍ୟକ୍ଷ ପହଞ୍ଚି ଥିଲେ ମଧ୍ୟ ପରିସ୍ଥିତି ଅଣଆୟତ ହୋଇଥିଲା ।ତେବେ ଉଭୟ ଗୋଷ୍ଠୀଙ୍କୁ ଇନିସିପେକଟର ବୁଝା ସୁଝା କରିବା ସହିତ ବ୍ଲକରେ ଆଲୋଚନା କରି ସମାଧାନ କରିବାକୁ କହିବା ପରେ ପରିସ୍ଥିତି ନିୟନ୍ତ୍ରଣ ରହିଥିଲା । ବୁଧବାର ଗୋପ ପଞ୍ଚାୟତ ଅଧିନସ୍ଥ କୁସୁପୁର ବଜାର ନିକଟ ୪ ଲକ୍ଷ ଟଙ୍କା ବ୍ୟୟରେ ପିକେ ରାସ୍ତାରୁ ଭେଟେନାରି ପଛପଟ ନଦୀବନ୍ଧ ଢଳାଇ ରାସ୍ତା କାର୍ଯ୍ୟ କୁ ନେଇ ଶାସକ ଦଳର ଦୁଇ ଗୋଷ୍ଠୀ ମୁହାଁମୁହିଁ ପରିସ୍ଥିତି ଦେଖା ଦେଇଥିଲା । ଏପରି ଏକ ବିବାଦ ସୃଷ୍ଟି ହେବାରେ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଙ୍କ ସହିତ ଅନ୍ୟାନ୍ୟ ପୋଲିସ ଅଧିକାରୀ ଓ ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ



ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ।ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ହେଉଛି ଗ୍ରାମପଞ୍ଚାୟତର ୬୦ ଭାଗ ଥିବା ବେଳେ ସ୍ଥାନୀୟ ବିଧାୟୀକାଙ୍କ ୪୦ ଭାଗ ଅର୍ଥ ରହିଛି । ପଞ୍ଚାୟତର ୬୦ ଭାଗ ଅର୍ଥରେ ଗୋପ ଗ୍ରାମପଞ୍ଚାୟତର ୯ ଗୋଟି ଉନ୍ନୟନ ପ୍ରକଳ୍ପ ରହିଥିବା ବେଳେ ବିଧାୟୀକାଙ୍କ ମଧ୍ୟ ୪୦ ଭାଗ ଅର୍ଥ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି । ମାତ୍ର ପଞ୍ଚାୟତ ପକ୍ଷରୁ ଦୀର୍ଘ ତିନି ଦିନ ଧରି ଏହି ଢଳାଇ ରାସ୍ତା କାମ ଚାଲିଥିବା ବେଳେ ଦଳ କନ୍ଦଳକୁ ନେଇ ଆଉ ଜଣେ ଯୁବକ ଉକ୍ତ ଢଳାଇ ରାସ୍ତା କାମ ଆରମ୍ଭ କରିଥିଲେ । ଫଳରେ ରାସ୍ତା କାମ ହେଉଥିବା ସ୍ଥାନରେ ପୋଲିସ ଓ ଯନ୍ତ୍ରୀ ପହଞ୍ଚି ଥିଲେ । ଦୀର୍ଘ ଦିନ ଧରି ଗୋପ ପଞ୍ଚାୟତ ସହିତ ଆଉ କେତକ ପଞ୍ଚାୟତ ରେ ମଧ୍ୟ ଅନୁରୂପ ଅଭିଯୋଗ ଆସୁଥିବା ବେଳେ କେତେକ ସ୍ଥାନରେ ଏହି ଯୋଜନା ସହିତ ଆଉ କେତକ ଯୋଜନାରେ କାର୍ଯ୍ୟ ହୋଇ ପାରୁ ନାହିଁ । ଆଗକୁ ଗ୍ରାମ ପଞ୍ଚାୟତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଥିବାରୁ ଦଳ କନ୍ଦଳ ଯୋଗୁଁ ସାଧାରଣ ରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ଏପରି ଏକ ଅଭିଯୋଗ କୁ ନେଇ ସପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ପଚାରିବା ରେ ଏପରି ଅଭିଯୋଗକୁ ନେଇ ବିଡ଼ିଓ ସୂର୍ଯ୍ୟ ଶଙ୍କର ଦାଶଙ୍କୁ ଅବଗତ କରିଛି । ବିଡ଼ିଓ ସେ ସଂପର୍କରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ ।

# ୨୨ରୁ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ କ୍ଲବର ନାଟକ ମହୋତ୍ସବ

କାକଟପୁର (ସବ୍ୟୁ): କାକଟପୁର ବ୍ଲକ ଅଧିନସ୍ଥ ଗମ୍ଭାରୀପଦା ଗ୍ରାମର ସାମାଜିକ ଯୁବ ଅନୁଷ୍ଠାନ ଗମ୍ଭାରିପଦା ଟୋକା-୨୦୪୭' ତଥା 'ଶ୍ରୀ ଶ୍ରୀ ଆର୍ତତ୍ରାଣ ଗାଦିବ୍ରହ୍ମ ରୟାଲ ଡ୍ରାମାଟିକ କ୍ଲବ'ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜୁନ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଗମ୍ଭାରିପଦା କଚେରୀ ପଡିଆଠାରେ ନାଟକ ମହୋତ୍ସବ ଅନୁଷ୍ଠିତ ହେବ । ଏହି ନାଟ୍ୟ ମହୋତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ଭିନ୍ନ ଭିନ୍ନ ସାମାଜିକ ଓ ଭାବପୂର୍ଣ୍ଣ ନାଟକ । କାର୍ଯ୍ୟକ୍ରମର ସୂଚୀ ଅନୁଯାୟୀ ପ୍ରଥମ ରାତ୍ରରେ ରାଜକିଶୋର ନାୟକଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନାଟକ ମୁଁ ଅନାଥ ତୁ ଜଗନ୍ନାଥ । ଦିତୀୟ ରାତ୍ରରେ ବିଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ କହିବାକୁ ଲାଜ ଶୁଣିଲେ ପାପ । ତୃତୀୟ ରାତ୍ର ତଥା ଉଦଯାପନୀ ରାତ୍ରରେ ବାବାଜୀ ନାୟକଙ୍କ ନିର୍ଦ୍ଦେଶନାରେ ନାଟକ ଆଖି ଅବୁଝା କୁ ଲୁହ ଅବୁଝାମଞ୍ଚସ୍ଥ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ମହିଳାଙ୍କୁ ହତ୍ୟା ଉଦ୍ୟମ

ବଳଙ୍ଗା ,(ସବ୍ୟୁ) :ପ୍ରେମ ବିବାହ କରିଥିବା ଜଣେ ମହିଳାଙ୍କୁ ସ୍ୱାମୀ ଓ ଶାଶୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ବଳଙ୍ଗା ଥାନା ଅନ୍ତର୍ଗତ ରଥ ପୁରୁଷୋତ୍ତମପୁର ଗ୍ରାମର ଅନୁସୟା ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ କଟକ ଜିଲ୍ଲା ବଡ଼ ମୁଣ୍ଡୁଳି କଲୋନୀର ଅଭିନାଶ ସାହୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହେବାରେ ଉଭୟ ଗତ ୨୦୨୪ ଡିସେମ୍ବର ମାସ ୧୨ତାରିଖରେ ଭୁବନେଶର କୋର୍ଟରେ ରେଜିଷ୍ଟ୍ରି ବିବାହ କରିଥିଲେ । ବିବାହପରେ ଶାଶୁ ଘରକୁ ଯିବା ପରେ ସେଠାରେ ସ୍ୱାମୀ ଅବିନାଶ ଓ ଶାଶୁ ସସ୍ମିତା ସାହୁ ସବୁବେଳେ ଅନୁସୟାଙ୍କୁ ଶାରୀରିକ, ମାନସିକ ନିର୍ଯ୍ୟାତନା ଦେବା ସହ ମାଡ ମାରି ଥାଆନ୍ତି । ଏପରିକି ଗରମ ଲୁହା ଖଡିକାରେ ଶରୀରକୁ ଚେଙ୍କ ଦେଇ ଶରୀର ସାରା କ୍ଷତ ଚିହ୍ନ କରିଦେଇଥିବା ବେଳେ ଅତ୍ୟାଚାର ସମୟର କିଛି ଦୃଶ୍ୟକୁ ଅନୁସୟା ନିଜ ମୋବାଇଲରେ ରେକର୍ଡିଂ କରି ପ୍ରମାଣ ରଖିଥିଲେ । ଏହା ଜାଣିପାରି ଶାଶୁ ସସ୍ମିତା ମୋବାଇଲକୁ ଛଡ଼ାଇ ନେଇ ପାଣିରେ ପକାଇ ଭାଙ୍ଗି ଦେଇଥିଲେ । ସସ୍ମିତା ପିନ୍ଧିଥିବା ସମସ୍ତ ଅଳଙ୍କାରକୁ ଅଭିଯୁକ୍ତମାନେ ଖୋଲି ରଖିଦେଇଥିଲା ବେଳେ ସସ୍ମିତା ମାଗିବାରୁ ସେମାନେ ସସ୍ମିତାଙ୍କୁ ଶାସରୁଦ୍ଧ କରି ମାରି ମହାନଦୀରେ ଫିଙ୍ଗି ଦେବାକୁ ଧମକ ଦେଉଥିଲେ । ଦିନ ଘରେ କେହି ନଥିବା ସୁଯୋଗରେ ସସ୍ମିତା ପରିବାରକୁ ଫୋନ ଯୋଗେ ସମସ୍ତ କଥା କହିଥିଲେ । ପରେ ସସ୍ମିତାଙ୍କ ଭାଇ ଘଟଣା ସ୍ଥଳରେ ପହଁଚି ସସ୍ମିତଙ୍କୁ ଘରକୁ ନେଇ ଆସିଥିଲେ । ସେବେଠାରୁ ସସ୍ମିତା ବାପ ଘରେ ରହୁଥିବା ବେଳେ ଶାଶୂ ଘର ଲୋକେ ତାଙ୍କୁ ଘରକୁ ନ ନେବା ଓ ତାଙ୍କ ପରିବାରଙ୍କ ଫୋନ ନମ୍ବରକୁ ବ୍ଲକ କରିଦେଇଥିବା ନେଇ ସସ୍ମିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

# କଣ୍ଟିଲୋକୁ ଆସୁନି ନୟାଗଡ଼ -ରାଉରକେଲା ସରକାରୀ ବସ

କଣ୍ଟିଲୋ,(ସବ୍ୟୁ): ନୟାଗଡ ରୁ କଣ୍ଟିଲୋ ଦେଇ ରାଉରକେଲା ଯା' ଆସ କରୁଥିବା ସରକାରୀ ବସ ପରମିଟ ଥାଇ ମଧ୍ୟ କଣ୍ଟିଲୋ ଆସୁନଥିବାରୁ ଯାତ୍ରୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି । ନୟାଗଡରୁ ରାଉରକେଲା ପ୍ରତ୍ୟହ ୨ଟି ବସ ଯିବା, ଆସିବା କରିଥାନ୍ତି । ନୟାଗଡରୁ ଆସୁଥିବା ବସ ଅପରାହ୍ନ ୪ଟା ରେ ପହଞ୍ଚିଥାଏ ଏବଂ ରାଉରକେଲାରୁ ଆସୁଥିବା ବସ ସକାଳ ସାଢେ ୭ଟାରେ କଣ୍ଟିଲୋ ଅତିକ୍ରମ କରିଥାଏ । ମାତ୍ର ଏବେ କିଛି ମାସ ପ୍ରାୟ ୩ରୁ ୪ମାସ ହେଲା ଉଭୟ ବସ କଣ୍ଟିଲୋ ଆସୁନାହାନ୍ତି । ନିକଟସ୍ଥ ୩କିମି ଦୂର ବାଣପୁର ଛକ ରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଉଛନ୍ତି ସମ୍ପୃକ୍ତ ବସ କର୍ମଚାରୀ । କଣ୍ଟିଲୋ ଟିକେଟ କରିଥିଲେ ମଧ୍ୟ ବାଧ୍ୟ ହୋଇ ଯାତ୍ରୀମାନେ ନାଚାର ହୋଇ ବିକଳ୍ପ ବ୍ୟବସ୍ଥା ଅଟୋ, ଅନ୍ୟାନ୍ୟ ଭଡା ଗାଡି କରିବାକୁ ବାଧ୍ୟ ହେଉଛନ୍ତି । ପୂର୍ବରୁ ଏ ସମ୍ପର୍କ ରେ କଣ୍ଟିଲୋ ମୋଟର କର୍ମଚାରୀ ସଂଘ ତରଫରୁ ଜିଲ୍ଲାପାଳ ଓ ଆରଟିଓ ଙ୍କୁ ଅଭିଯୋଗ କରାଯାଇଥିଲା । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ପରେ କିଛି ଦିନ କଣ୍ଟିଲୋ ଦେଇ ଚାଲିବା ପରେ ବର୍ତ୍ତମାନ ୩ ମାସ ହେଲା ଆଉ କଣ୍ଟିଲୋ ଆସୁନାହାନ୍ତି । ଉ ଦିଗରେ ଜିଲ୍ଲା ପରିବହନ ବିଭାଗ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଜନସାଧାରଣ ଦାବୀ କରିଛନ୍ତି ।

# ମିଟେଇପୁର ପଞ୍ଚାୟତରେ ବିଜେପି କାର୍ଯ୍ୟକର୍ତ୍ତା ବୈଠକ

ନିମାପଡା,(ସବ୍ୟୁ): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତରେ ବିଜେପି କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଦଳର ମୁଖପାତ୍ର ସମୀର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରରେ ଶାସନାଧିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରକୁ ୨ ବର୍ଷ ପୁରିଛି। କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଡବଲ ଇଂଜିନ ସରକାରରେ ବିକାଶର ଧାରା ଜାରି ରହିଛି ବୋଲି ଶ୍ରୀ ଦାଶ ସୂଚନା ଦେଇଥିଲେ। ହେଲେ ଏହି ୨ ବର୍ଷୋ ନିମାପଡା ନିର୍ବାଚନ ମଣ୍ଡଳୀରେ ବିକାଶର ଚିହ୍ନ ବର୍ଣ୍ଣ ନାହିଁ। ମିଟେଇପୁର ପଂଚାୟତରେ ଏହି ଦୁଇ ବର୍ଷ ମଧ୍ୟରେ କିଛି କାମ ହୋଇନି। ନିମାପଡାରେ ବିକାଶ ପରିବର୍ତ୍ତେ ବିନାଶ ଚାଲିଛି। ବାଲି ମାଫିଆ ଏବଂ ନିଶା ବେପାରୀଙ୍କ ରାଜ ଚାଲିଛି। ଫଳରେ ଯୁବପିଢୀ ପଥ ଭ୍ରଷ୍ଟ ହେଉଛନ୍ତି। କୁଶଭଦ୍ରା ନଦୀ କୂଳିଆ ଲୋକେ ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ପାଣି ବଦଳରେ ନଦୀ ପଠାରୁ ବେଆଇନ ଭାବେ ବାଲି ଚାଲାଣ ଚାଲିଛି ବୋଲି ଶ୍ରୀ ଦାଶ କହିଥିଲେ।



ଆଗାମୀ ପଂଚାୟତ ନିର୍ବାଚନରେ ପ୍ରାର୍ଥୀ ଦିଆଯାଇ ସେମାନଙ୍କୁ ଜିତାଇ ନିମାପଡା ଓ ଗୋପ ବ୍ଲକ ଦଖଲ କରିବାକୁ ଶ୍ରୀ ଦାଶ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଂଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ,ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ବରିଷ୍ଠ ବିଜେପି ନେତା ଜୀବନାନନ୍ଦ ମହାପାତ୍ର,ଅଶୋକ ସାହୁ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ,ପୂର୍ବତନ ସରପଂଚ ଚିତ୍ତରଂଜନ ସେନାପତି,ତୋଫାନ ପ୍ରଧାନ,ଯୁବନେତା ରାକେଶ ବେହେରା,ସ୍ୱପ୍ନେଶ୍ୱର ଲେଙ୍କା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ବିଷୟରେ ସୂଚନା ଦେଇଥିଲେ। ବୈଠକରେ ମିଟେଇପୁର ପଂଚାୟତର ଆବାହକ ଭାବେ ପବିତ୍ର ପ୍ରଧାନ,ସହ-ଆବାହକ ଭାବେ ପୂର୍ଣ୍ଣଚନ୍ଦ୍ର ବେହେରା,ଚିତ୍ତୁନା ପରିଜା,ସଂଜୟ ବାରିକଙ୍କ ସମେତ ୨୩ ଜଣିଆ କମିଟୀ ଗଠନ କରାଯାଇଛି। ବୈଠକରେ ପଂଚାୟତରୁ ହଜାରରୁ ଉର୍ଦ୍ଧ୍ୱର୍ ମହିଳା ଓ ପୁରୁଷ କାର୍ଯ୍ୟକର୍ତ୍ତା ,କର୍ମୀ ସାମିଲ ହୋଇଥିଲେ।

# ୧୪ରୁ ୪ ଦିନ ବ୍ୟାପି ଭଗବତୀଙ୍କ ପୀଠରେ ଜମିବ କୋଣାର୍କ ରଜ ମହୋତ୍ସବ

କୋଣାର୍କ ,(ସବ୍ୟୁ): ଆସନ୍ତା ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅର୍କକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ୨୭ତମ କୋଣାର୍କ ରଜ ଉତ୍ସବ ଅନୁଷ୍ଠିତ ହେବ । ଆୟୋଜକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଜାରି ରହିଛି । ଗତ ୨୦୦୦ମସିହାରୁ ଆୟୋଜିତ ହୋଇ ଆସୁଥିବା ଏହି ଗଣପର୍ବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶହ ଶହ ମହିଳା, ଯୁବତୀ ଓ କିଶୋରୀଙ୍କ ସମେତ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ । ଯୁବତୀ, ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ରଜ ଗୀତ, ରଜ ସଜବାଜ, ପାନଭଙ୍ଗା, ମୁଢ଼ି ଓ ପୋଡ଼ପିଠା ପ୍ରସ୍ତୁତି, ହୁଳହୁଳି, କାନ୍ଦଣା, ଝୋଟି, ପୁଚି, ତାସ, ଲୁଡୁ, ଶଙ୍ଖଫୁଙ୍କା ଏବଂ ପୁରୁଷମାନଙ୍କ ମଧ୍ୟରେ ନଡ଼ିଆ ଲଢ଼େଇ ଓ ଡୁଡୁ ଖେଳ ଆଦି ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ପ୍ରତିଭା ପ୍ରଦର୍ଶନ କରୁଥିବା କୃତୀ ପ୍ରତିଯୋଗୀମାନଙ୍କୁ ରଜ ଉତ୍ସବର ସୁଶୋଭିତ ମଞ୍ଚରେ ଅର୍କଶ୍ରୀ ପକ୍ଷରୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ମା ଭଗବତୀଙ୍କ ପୀଠରେ ଥିବା ବିଶାଳ ବଟବୃକ୍ଷ ଡାଳରେ ଲାଗିଥିବା ଏକାଧିକ ଦୋଳିରେ ପର୍ଯ୍ୟଟକମାନେ ଝୁଲି ସହିତ ପୋଡ଼ପିଠା, ମୁଢ଼ି ଓ ସୁସଓ୍ୱାଦୁ ପାନର ମଜା ନେଇଥାଆନ୍ତି । ଉତ୍ସବ ସ୍ଥଳରେ ଏକ ସୁଶୋଭିତ ମଞ୍ଚରେ ପୂର୍ବାହ୍ନ ଓ ଅପରାହ୍ନରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥାଏ । ଏଥିରେ ସମାଜର ବିବିଧ କ୍ଷେତ୍ରରୁ ମାନ୍ୟଗଣ୍ୟ ଅତିଥିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥାଆନ୍ତି । ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳ କୋଣାର୍କରେ ଦୀର୍ଘ ୨୬ବର୍ଷଧରି ଆୟୋଜିତ ହୋଇଆସୁଥିବା ରଜ ଉତ୍ସବର ପାରମ୍ପରିକ ପ୍ରତିଯୋଗିତା ଆୟୋଜନ ଓ ଓଡ଼ିଆ ପର୍ବପର୍ବାଣୀର ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ତେବେ ସଂପ୍ରତି ଏହି ଲୋକପ୍ରିୟ ଉତ୍ସବର ଆୟୋଜନ ନିମନ୍ତେ ଅର୍ଥାଭାବ ପ୍ରତିବନ୍ଧକ ସାଜିଥିବା ଅର୍କଶ୍ରୀ ସଂପାଦକ ଉମେଶ ସ୍ୱାଇଁ ପ୍ରକାଶ କରିଛନ୍ତି । ଏହି ଉତ୍ସବର ଆୟୋଜନ ନିମନ୍ତେ କୌଣସି ସରକାରୀ ସହାୟତା ମିଳିପାରି ନାହିଁ । ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମାଜସେବୀ ଉମେଶ ସ୍ୱାଇଁ, ଗୁରୁ ଜୟକୃଷ୍ଣ ନାୟକ, ପୁରୀ ଜିଲ୍ଲା ଜଗନ୍ନାଥ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷି ପୃଷ୍ଟି, ଗୋପ ବ୍ଲକ ମହିଳା ମହାସଂଘ ସଂପାଦିକା ରେଣୁବାଳା ନାୟକ, ସ୍ନେହଲତା ପାତ୍ର, ମଞ୍ଜୁ ସ୍ୱାଇଁ, ଶିକ୍ଷାବିତି କାମଦେବ ବିଶ୍ୱାଳ, ଶିକ୍ଷକ ପ୍ରତାପ ରାଉତ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସମାଜସେବୀ ପ୍ରସନ୍ନ ବଳ, ଯୋଗାଚାର୍ଯ୍ୟ ବାମଦେବ ଆଲୁକ, ସାମ୍ବାଦିକ ସନ୍ତୋଷ ଗୋଛାୟତ, ସୁଦର୍ଶନ ମଲ୍ଲିକ, ଭରତ ହାତୀ, ବିଭୂତି ବିଶ୍ୱାଳ, ଉମା ଗୋଛୟତ, ସୁଷମା ପ୍ରଧାନ, ମମତା ମଲ୍ଲ ଓ ରାନୁ ରାଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପୌରାଧକ୍ଷଙ୍କ ଘରକୁ ବୋତଲ ବୋମା ମାଡ ଘଟଣା : ୩ ଗିରଫ




ପାରାଦୀପ,(ଜିପ୍ର) :ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶାଳଙ୍କ ଘରକୁ ବୋତଲ ବୋମା ମାଡ ଘଟଣାର ଖୁଲାସା କରିଛନ୍ତି ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା । ପାରାଦୀପ ଆଦର୍ଶ ଥାନାରେ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ଏହି ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି । ପୌର ପରିଷଦର ଟେଣ୍ଡର କାର୍ଯ୍ୟକୁ ନେଇ ଏହି ବୋମା ମାଡ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ପାରାଦୀପର ଜୋତିକାନ୍ତ ପରିଡା ଓରଫ ବାପୁ ପରିଡା ଏହି ଘଟଣାର ମୁଖ୍ୟ ସଡ଼ଜନ୍ତ୍ରକାରୀ ଓ ତାଙ୍କ ଇଙ୍ଗିତରେ ତିନିଜଣ ଦୁର୍ବୁତ୍ତ ବସନ୍ତଙ୍କୁ ଭୟଭୀତ କରିବା ପାଇଁ ଏଭଳି କରିଥିବା ପୋଲିସ ପ୍ରକାଶ କରିଛି । ବୋମା ମାଡ କରିଥିବା ତିନି ଦୁର୍ବୁତ୍ତ ହେଲେ ତ୍ରିଲୋଚନ ପ୍ରଧାନ ଓରଫ ଟୁଲୁ , ସୌମ୍ୟ ରଞ୍ଜନ ପଳାଇ ଓରଫ ହାପି ଏବଂ ସିଦ୍ଧାନ୍ତ ବିଶାଳ ଓରଫ ହନୁଆ ଘଟଣା ଘଟାଇ ସାରିବା ପରେ ଅଭିଯୁକ୍ତମାନେ ପୁରୀ ଫେରାର ହୋଇ ଯାଇଥିବା ଏବଂ ପୁଣି ପୁରୀରୁ ନିଜ ସମ୍ପର୍କୀୟ ମାନଙ୍କ ଘରକୁ ଯାଇ ଆତ୍ମ ଗୋପନ କରିଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିଛି । ଜ୍ୟୋତିକାନ୍ତ ପରିଡା ଓରଫ ବାପୁ ଖସି ପଳାଇ ଥିବା ବେଳେ ପୋଲିସ ତାକୁ ଖୁବ ଶୀଘ୍ର ଗିରଫ କରିବ ବୋଲି ଏସ୍ପି ପ୍ରକାଶ କରିଛନ୍ତି । ବାପୁ ଓ ବସନ୍ତ ଗୋଟିଏ ଦଳର ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା । କିନ୍ତୁ ଗତ କିଛି ମାସ ହେବ ବାପୁଙ୍କ ସହ ବସନ୍ତଙ୍କ ଆଉ ପଡୁ ନଥିବା ବେଳେ ବାପୁ ଟେଣ୍ଡର କାର୍ଯ୍ୟରୁ ଫାଇଦା ପାଇବାରେ ଅସୁବିଧା ହେଉଥିଲା । ବସନ୍ତଙ୍କୁ ଭୟଭୀତ କରି ବାପୁ ପାରାଦୀପ ପୌର ପରିଷଦ ଟେଣ୍ଡର ହାତେଇବାକୁ ଏଭଳି କରିଥିବା କୁହାଯାଉଛି । ଅଭିଯୁକ୍ତ ମାନେ ପେଟ୍ରୋଲ ପମ୍ପକୁ ଯାଇ ପେଟ୍ରୋଲ କିଣିବା, ବୋତଲ ବୋମା ପ୍ରସ୍ତୁତ କରିବା ପ୍ରମାଣ ପୋଲିସ ସଂଗ୍ରହ କରିବାରେ ସଫଳ ହୋଇଛି । ପୋଲିସ ମାତ୍ର ୪ ଦିନ ମଧ୍ୟରେ ପେଟ୍ରୋଲ ପମ୍ପର ସିସିଟିଭି ଫୁଟେଜ ଓ ବିଭିନ୍ନ ଟେକ୍ନିକାଲ ଏଭିଡିଏନ୍ସକୁ ପାଥେୟ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ୩ ଅଭିଯୁକ୍ତ ପାରାଦୀପ ଅଂଚଳର ହୋଇଥିବା ବେଳେ ବାପୁଙ୍କ ଏବେ ଖୋଜିବାକୁ ପୋଲିସ ୩ଟି ଟିମ ଗଠନ କରିଛି । ଅନ୍ୟପକ୍ଷରେ ପାରାଦୀପ ଓ ଜଗତସିଂହପୁରରେ ଅପରାଧି ମାନଙ୍କ ଲିଷ୍ଟ ପୋଲିସ ପ୍ରସ୍ତୁତ କରୁଥିବା ଓ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଆଜି ଏସ୍ପି ଅଙ୍କିତ କୁମାର ବର୍ମା ସତର୍କ କରାଇ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେ ଓ ଆଦର୍ଶ ଥାନାର ଥାନା ଅଧିକାରିଣୀ ବବିତା ଦେହୁରୀ ମଧ୍ୟ ଉପସ୍ଥିତ ଥିଲେ ।

# ବଲାଙ୍ଗିଆରେ ପଥର ମାଫିଆଙ୍କ ବିସ୍ଫୋରଣ ଘଟଣା

# ଜେନାପୁର ଥାନା ଘେରାଉ: ଧାରଣାରେ ବସିଲେ ଶହଶହ ମହିଳା



ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅଞ୍ଚଳରେ କଳାପଥର ଚୋରଙ୍କ ଉତ୍ପାତ ସୀମା ଟପଛି । ଏଦିନ ଦିପ୍ରହରରେ ଡେନାମାଇଟ ବିସ୍ଫୋରଣ କରି ପାହାଡ ଫଟାଇ ମନଇଛା କଳାପଥର ଲୁଟରେ ମାତିଛନ୍ତି।କିଏ ଜଙ୍ଗଲ ସଫାକରି ନିଷିଦ୍ଧ ସ୍ଥାନରୁ ପଥର ଖୋଳି ନେଉଛିତ କିଏ ସରକାରୀ ଅନାବାଦୀ,ଗୋଚର ଜମିକୁ କବଜାକରି ସେଠାରେ ବିସ୍ଫୋରଣ ଘଟାଇ ଆଖିବୁଜା ପଥର ଲୁଟପାଟ କରିଚାଲଛି । କେତେକ ସ୍ଥାନରେ ଦେବୋତ୍ତର ଜମିରେ ଓ ଅନ୍ୟ କେତେକ ସ୍ଥଳେ ଆଦିବାସୀ ଅଧୁଷିତ ଗାଁ ଭିତରେ ପଶି ମାଫିଆମାନେ ଶକ୍ତିଶାଳୀ ବିସ୍ଫୋରଣ କରି ଲକ୍ଷ ଲକ୍ଷ ଟଙ୍କାର କଳାପଥ ଚୋରିକରି ଚାଲିଛନ୍ତି । ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଅରାଜକତା ବଢିବଢି ଚାଲିବା ସହ ସାଧାରଣ ଜନ ଜୀବନ ଓ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀ ଲୋକେ ଅସ୍ତବ୍ୟସ୍ତ ହୋଇପଡିଛ। ପୋଲିସ ଓ ପ୍ରଶାସନିକ ସ୍ଥାଣୁତାକୁ ନେଇ ଏବେ ସମଗ୍ର ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଯାହାକୁ ନେଇ ପୂର୍ବ ଘୋଷଣା ଅନୁଯାୟୀ ବୁଧବାର ଅପରାହ୍ନରୁ ଭୀମ ଆର୍ମି ପକ୍ଷରୁ ଜେନାପୁର ଥାନା ଘେରାଉ କରାଯିବା ସହ ଶହଶହ ଆଦିବାସୀ ଓ ଦଳିତ ମହିଳା ଥାନା ସମ୍ମୁଖରେ ଧାରଣାରେ ବସି ପୋଲିସର କାର୍ଯ୍ୟ ଧାରାକୁ ବିରୋଧ କରିବା ସହ ପଥର ମାଫିଆଙ୍କୁ ଖୋଲାଖୋଲି ସାହାଯ୍ୟ କରୁଥିବା ଜେନାପୁର ଥାନା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିକରିଛନ୍ତି। ଜେନାପୁର ଥାନା ଚକ୍ରଧରପୁର ପଞ୍ଚାୟତ ଅଧିନ ବଲାଙ୍ଗିଆ ନୂଆସାହି ଗ୍ରାମରେ ଚଳିତ ମେ'ମାସ ୭ ତାରିଖରେ ମାଫିଆମାନେ ପଥର ଚୋରି ପାଇଁ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରିଥିଲେ। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବଡବଡ ପଥରଖଣ୍ଡ ବଲାଙ୍ଗିଆ ଆଦିବାସୀ ଗ୍ରାମରେ ଆସି ପଡିଥିଲା। ଏହି ଅଭାବନୀୟ ଘଟଣା ଘଟିଥିବାରୁ ଗ୍ରାମବାସୀ ମାନେ ଆତଙ୍କିତ ହୋଇପଡିଥିଲେ।ରେପରେ ଲୋକେ ଘଟଣା ସ୍ଥଳକୁଯାଇ ମାଫିଆଙ୍କୁ ଧରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ସଂପୃକ୍ତ ମାଫିଆମାନେ ଆଗୁଆ ଖବରପାଇ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ବହୁପରିମାଣର ବିସ୍ଫୋରଣ ସାମଗ୍ରୀ ସହିତ ଗୋଟିଏ ମେସିନ ଓ ଏକ ମୋଟର ସାଇକେଲକୁ ଲୋକେ ଜବତକରି ଗ୍ରାମକୁ ଆଣିବା ସହିତ ଜେନାପୁର ଥାନା ପୋଲିସକୁ ଜଣାଇଁ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।ହେଲେ ଥାନା ଅଧିକାରୀ ଛୁଟିରେ ଥିବା କହି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା।ଛୁଟିରୁ ଫେରିବା ପରେ ୧୦ ତାରିଖ ଦିନ ଥାନା ଅଧିକାରୀଣୀ ବଲାଙ୍ଗିଆରେ ପହଞ୍ଚି ଜବତ ବିସ୍ଫୋରକ ସାମଗ୍ରୀ,ମେସିନ ଓ ମୋଟର ସାଇକେଲକୁ ଥାନାକୁ ଆଣିବା ସହିତ ଘଟଣାକୁ ନେଇ ବେଆଇନ ବିସ୍ଫୋରଣ ସାମଗ୍ରୀ ମହଯୁଦ ଓ ଆକ୍ସୋସିଟ ଦଫା ଲଗାଇ ୧୨୦/୨୬ରେ ଏକ ମାମଲା ପଞ୍ଜିକରଣ କରିଥିଲେ।ହଲେ ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।ଲୋକେ ପୋଲିସର ଶିଥିଳତାକୁ ପ୍ରତିବାଦ କରି ଜିଲ୍ଲାପାଳ ଓ ଏସପିଙ୍କ ଅଭିଯୋଗ ସୁଣାଣି ଶିବିରରେ ଉପସ୍ଥିତ ହୋଇ ଫେରାଦ ହୋଇଥିଲେ ।ପୋଲିସ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାମଲାକୁ ଭିନ୍ନ ମୋଡ ଦେବା ଓ ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ଥାନାରେ ୨୨୧/୨୬ରେ ଅନ୍ୟ ଏକ ମିଥ୍ୟା କାଉଣ୍ଟର କେଶ କରି ବଲାଙ୍ଗିଆ ଗ୍ରାମର ଆଦିବାସୀ ମନଙ୍କୁ ବାରମ୍ବାର ଥାନାକୁ ଡାକି ଭୟଭିତ କରିବା ସହ ମାମଲାର ରଫାଦଫା କରିବା ପାଇଁ ବିଭିନ୍ନ ଉପାୟରେ ଚାପ ପକାଇ ଚାଲିଥିଲା। ଯାହାକୁ ନେଇ ଭୀମ ଆର୍ମି ସଂଗଠନର ଯାଜପୁର ଜିଲ୍ଲା ସଭାପତି ତରଣୀ ମଲିକ ଓ ବଲାଙ୍ଗିଆ ଆଦିବାସୀ ଗ୍ରାମର ମୁରବୀ ତଥା ଏହି ଘଟଣାର ଏତଲାକାରୀ କିଶାନ ପୂର୍ତ୍ତି,ମହେଶ୍ୱର ମୁଣ୍ଡା,ଅନିଲ ମଲ୍ଲିକ, ଭୈରବ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବୁଧବାର ଅପରାହ୍ନ ଠାରୁ ଜେନାପୁର ଥାନାରେ ଏହି ଆନ୍ଦୋଳନ ଓ ଧାରଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନରେ ଶହଶହ ମହିଳାଙ୍କ ସହ ବହୁ ସଂଖ୍ୟାରେ ଆଦିବାସୀ ଓ ଦଳିତ ମାନେ ଯୋଗଦେଇ ଜେନାପୁର ଥାନା ପୋଲିସର କାର୍ଯ୍ୟ ଧାରାକୁ ସମାଲୋଚନା କରିଥିଲେ। ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିପିଓ ଶରତଚନ୍ଦ୍ର ପାତ୍ର ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କରିବା ସହ ଉପସ୍ଥିତ ଭୀମ ଆର୍ମି ଓ ଆଦିବାସୀ ନେତାଙ୍କ ସହ ଆଲୋଚନା କରି ଏହି ଘଟଣାରେ ସଠିକ କାର୍ଯ୍ୟାନୁଷ୍ଠାନ ହେବ ଆଦିବାସୀଙ୍କ ବିରୁଦ୍ଧରେ ହୋଇଥିବା କାଉଣ୍ଟର ଏତଲାକୁ ସଠିକ ଅନୁସଂଧାନ ପୂର୍ବକ ଏହାର ସତ୍ୟତା ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ଥାନା ଅଧିକାରୀଣୀଙ୍କ କାର୍ଯ୍ୟ ଧାରା ଓ ଆଦିବିସୀ ମାରଣ ମନୋଭାବ ନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ବୋଲି ଭୀମ ଆର୍ମି ନେତୃବୃନ୍ଦ ଘୋଷଣା କରିଥିଲେ।

# ଜିନ୍ଦଲ ଷ୍ଟେନଲେସକୁ ମିଳିଲା ବ୍ରିଟିଶ ସେଫ୍ଟି କାଉନ୍ସିଲ ଓ ଆଇସିସିର ଲିଡରଶିପ ଆୱାର୍ଡ




ବ୍ୟାସନଗର,(ଜିପ୍ର): ଔଦ୍ୟୋଗିକ ସୁରକ୍ଷା, କାର୍ଯ୍ୟସ୍ଥଳ ସୁରକ୍ଷା ସଂସ୍କୃତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ନିରନ୍ତର ଉତ୍କର୍ଷ ପ୍ରଦର୍ଶନ କରି ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ କଳିଙ୍ଗନଗର ପୁଣିଥରେ ଜାତୀୟ ଓ ଆନ୍ତର୍ଜାତୀୟ ମଂଚରେ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଚଳିତ ବର୍ଷ କମ୍ପାନୀ, ପ୍ରତିଷ୍ଠିତ ବ୍ରିଟିଶ ସେଫ୍ଟି କାଉନ୍ସିଲ ଡିଷ୍ଟିଙ୍କସନ ଆୱାର୍ଡ ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍ ଲିଡରଶିପ ଆୱାର୍ଡ ହାସଲ କରି ସୁରକ୍ଷା କ୍ଷେତ୍ରରେ ନିଜର ଶ୍ରେଷ୍ଠତାକୁ ପୁନର୍ବାର ପ୍ରମାଣିତ କରିଛି। ଗତ ୨୯ ମଇ ୨୦୨୬ତାରିଖରେ ଭୁବନେଶ୍ୱରସ୍ଥିତ ଲେମନଟ୍ରୀ ହୋଟେଲରେ ଆୟୋଜିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍‌ର ୩ୟ ଶିଳ୍ପ ସୁରକ୍ଷା ଏବଂ ବୃତିଗତ ସ୍ୱାସ୍ଥ୍ୟ ଲିଡରଶିପ ସମିଟରେ ୨୦୨୫–୨୬ବର୍ଷ ପାଇଁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ କାରଖାନା ଓ ବଏଲର ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତିରେ ଜିନ୍ଦଲ ଷ୍ଟେନଲେସ, ଯାଜପୁରକୁ ଲାର୍ଯସ୍କେଲ ଇଣ୍ଡଷ୍ଟ୍ରିଜ୍ ସେକ୍ଟରରେ ଆଇସିସି ଲିଡରଶିପ ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ୨୧ମଇ ୨୦୨୬ତାରିଖରେ ମୁମ୍ବାଇସ୍ଥିତ ଜେଡବ୍ଲୁ ମାରିଅଟ ସହର ହୋଟେଲରେ ଆୟୋଜିତ ବ୍ରିଟିଶ ସେଫ୍ଟି କାଉନ୍ସିଲ ଅନ୍ତର୍ଜାତୀୟ ସୁରକ୍ଷା ଏୱାର୍ଡ ଉତ୍ସବରେ ସଂସ୍ଥାର ଟ୍ରଷ୍ଟି ବୋର୍ଡର ଅଧକ୍ଷ ପିଟର ମଯାକଗେଟରିକ ଏବଂ ମୁଖଯ କାର୍ଯ୍ୟନିର୍ବାହୀ ମାଇକ ରବିନସନଙ୍କ ହସ୍ତରେ ଜିନ୍ଦଲ ଷ୍ଟେନଲେସ, ଯାଜପୁରକୁ ଧାତୁ ଏବଂ ଖଣି କ୍ଷେତ୍ର ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ ଡିଷ୍ଟିଙ୍କସନ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦୁଇଟି ପ୍ରତିଷ୍ଠିତ ପୁରସ୍କାର ପ୍ରାପ୍ତି ଅବସରରେ ସମସ୍ତ କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ସାମୂହିକ ପ୍ରୟାସର ଫଳ ସ୍ୱରୂପ, ଏହି ସଫଳତାକୁ ସୁରକ୍ଷା ବିଭାଗର ମୁଖଯ ଉତ୍ସର୍ଗ କରିଥିଲେ। ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ଏବଂ ଉତ୍କର୍ଷର ନିରନ୍ତର ସାଧନା ଆଗାମୀ ଦିନରେ ମଧ୍ୟ ଜିନ୍ଦଲକୁ ନୂତନ ଉଚ୍ଚତାରେ ପହଁଚାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ମିଡ଼ିଆ କ୍ଲବ କାର୍ଯ୍ୟାଳୟ ଉଦ୍‌ଘାଟିତ



ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକର ମିଡ଼ିଆ କ୍ଲବ କାର୍ଯ୍ୟାଳୟ ନାଉଗାଁ ହାଟ ଠାରେ ଶୁଭ ଉଦ୍ଘାଟନ ହୋଇଯାଇଛି। ଏହି କାର୍ଯ୍ୟାଳୟକୁ ଆନ୍ତର୍ଜାତୀୟ ଜଗନ୍ନାଥ ଧର୍ମ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ଉଦ୍ଘାଟନ କରି ମିଡ଼ିଆ ସମାଜର ଆଇନା ସଦୃଶ୍ୟ, ସଚେତନତା ମିଡ଼ିଆ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବୁଡୁ, ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ନାଉଗାଁ ବ୍ଲକ ବିଜେଡି ସଭାପତି ନିରଞ୍ଜନ ବେହୁରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଜିତ ପୁହାଣ, ନାଉଗାଁ ବ୍ଲକ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡା, ବରିଷ୍ଠ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ସମାଜସେବୀ ରାଜନୀକାନ୍ତ ଲେଙ୍କା ଓ ବରିଷ୍ଠ ସାମ୍ବାଦିକ ମାନସ କାନୁନଗୋ ଉପସ୍ଥିତ ଥିଲେ। ସଭାଟି ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ମନୋଜ କୁମାର ଦାଶଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା। ଏହି ଅବସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଜ୍ୟୋତିଷ ଚନ୍ଦ୍ର ଦାସ ଙ୍କ ସହିତ ବହୁ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।ଶେଷରେ ମିଡ଼ିଆ କ୍ଲବ ସଦସ୍ୟ ମନୋଜ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ବିଶିଷ୍ଟ ସମାଜ ସେବୀ ଦୀପକ ବିଶ୍ୱାଳ, ତ୍ରିନାଥ ପରିଡା, ସୁନିଲ କୁମାର ମାଟିଆ ଯୋଗ ଦେଇଥିଲେ। ଏହି ଅବସରରେ ସୁଧାରାଣୀ ବେହୁରା, ଅଭିମନ୍ୟୁ ସାହୁ, ଦେବଜ୍ୟୋତି ମହାନ୍ତି, ନିରଞ୍ଜନ ସାହୁ, ମାନସ କୁମାର ସୱାଇଁ, ଅଜିତ ଓଝା, ସର୍ବେଶ୍ୱର ମହାରଣା, ପ୍ରଦୋଷ ମହାନ୍ତି, ପ୍ରସଂଜିତ ସାହୁ, ଦୀପକ ଜେନା, ସୁଶାନ୍ତ ପରିଡା, ଦିପ୍ତୀରଣୀ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାନୀୟ ଜଳ ପାଇବାରୁ ବଞ୍ଚିତ ଅଲିହାବାଦର ୩୦୦ ପରିବାର



ବରୀ, (ସବ୍ୟୁ): ଗ୍ରୀଷ୍ମର ପ୍ରଭାବ ଯେତିକି ବଢୁଛି ପାନୀୟ ଜଳ ଯନ୍ତ୍ରଣା ସେତିକି ଉଗ୍ର ରୂପ ଧାରଣ କରୁଛି। ସରକାର ଘରେ ଘରେ ପାନୀୟଜଳ ଯୋଗାଇ ଦେବାକୁ ଡିମ ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବରୀ ବ୍ଲକ ରତ୍ନଗିରି ଅଞ୍ଚଳରେ। ଐତିହାସିକ ବୌଦ୍ଧପୀଠ ରତ୍ନଗିରି। ଯେଉଁଠି ଦେଶ ବେଦଶରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଭିଡ ଲାଗିଥାଏ। ସେହି ରତ୍ନଗିରି ପର୍ବତ ନିକଟରେ ବସବାସ କରୁଥିବା ଲୋକେ ମୁନ୍ଦାଏ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଲୋକ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କୁ ଆଖିଆଗରେ ରଖି ସରକାର ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏଠି ରତ୍ନଗିରି ପଞ୍ଚାୟତ ଅଲିହାବାଦ ଗ୍ରାମର ୩୦୦ ରୁ ଉର୍ଦ୍ଧ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପାଇପ ଅଛି ଟ୍ୟାପ ବି ରହିଛି ହେଲେ ପାଣି ଆସୁନାହିଁ। ତେଣୁ ପାଣି ପାଇଁ ପ୍ରାୟ ଏକ କିଲୋମିଟର ଯିବାକୁ ପଡୁଛି। ଲାଇନ ଦେଇ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବା ପରେ ପାଣି ମିଳୁଛି। ଅନେକ ସମୟରେ ପାଣି ପାଇଁ ଟଣା ଓଟରା ମାଡଗୋଳ ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ପ୍ରଚଣ୍ଡ ଖରାରେ ବୁଢ଼ା ବୁଢ଼ୀ ମାନେ ହାତରେ ଗଗରା ବାଲ୍ଟି ଧରି ଏତେବାଟ ଚାଲି ଚାଲି ଯିବା ବୃଦ୍ଧାମାନଙ୍କ ପାଇଁ ଏକ ବଡ଼ ଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ।

ନେଇ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ଶିବିରରେ ଲିଖିତ ଅଭିଯୋଗ କରିବା ସହିତ ବରୀ ବ୍ଲକ ପ୍ରଶାସନ ନିକଟରେ ମଧ୍ୟ ଯେତେ ଗୁହାରି କଲେ କେହିବି କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ଦିନରେ ନେତାମାନଙ୍କୁ ଗାଁ କୁ ପୁରାଇ ଦେବେ ନାହିଁ ବୋଲି ମହିଳାମାନେ କହିଛନ୍ତି ।ତେଣୁ ଏହି ଗ୍ରାମର ଲୋକମାନେ କିଭଳି ଶୀଘ୍ର ପାନୀୟ ଜଳ ପାଇ ପାରିବେ ସେଥିପ୍ରତି ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦବିହୋଇଛି ।

# ବାୟାବାବା ମହାବିଦ୍ୟାଳୟ ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମହାକାଳପଡ଼ା,(ସବ୍ୟୁ) :ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ, ମହାକାଳପଡ଼ା ର ଅଧକ୍ଷା ଶ୍ରୀମତୀ ସୁଲୋଚନା ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୭ ବର୍ଷ ଧରି ଅଧାପନା ଓ ପରେ ଅଧକ୍ଷା ପଦୀମଣ୍ଡନ କରି ନିଷ୍ଠାର ସହିତ କାର୍ଯ୍ୟ ସାରି ସେବା ନିବୃତ୍ତ ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି । ନିଜର କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା ନିମନ୍ତେ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଅଧକ୍ଷା ଶ୍ରୀମତୀ ଦାଶଙ୍କର ସତନ୍ତ୍ର ପରିଚୟ ରହିଛି । ଏଣୁ ବିଭିନ୍ନ କଲେଜର ଅଧକ୍ଷ ଏବଂ କର୍ମଚାରୀବୃନ୍ଦ ଯଥା ମାର୍ଶାଘାଇ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଣୟ କୁମାର ପରିଜା , ଇନ୍ଦୁପୁର କଲେଜ ଅଧକ୍ଷ ଶ୍ରୀଯୁକ୍ତ ଅଭିଜିତ ବୋଷ, ଚିତାଲୋ କଲେଜର ଡ. ନିରଞ୍ଜନ ମହାନ୍ତି , ଲୋକନାଥ କଲେଜର କର୍ମଚାରୀ ଗୌରାଙ୍ଗ ବାରିକ ମଧ୍ୟ ଏହି ଅବସରକାଳୀନ ସଭାରେ ଯୋଗ ଦେଇ ଅଧକ୍ଷା ମହୋଦୟାଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ । ଏହି ସଭାରେ ନୂତନ ଭାବେ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ପ୍ରାଧାପକ ସୁଶିଲ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ, ମଞ୍ଚ ପରିଚାଳନା କରିଥିଲେ ଇତିହାସ ବିଭାଗମୁଖ୍ୟ ଶ୍ରୀକାନ୍ତ କୁମାର ନନ୍ଦ । ଅନ୍ୟାନ୍ୟ ଅଧାପକ, ଅଧାପିକା ଓ କର୍ମଚାରୀବୃନ୍ଦମାନେ ଅଧକ୍ଷା ମହୋଦୟାଙ୍କ ମହାବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିବାବେଳେ ଡ. ରାଜେଶ କୁମାର ସେଠୀ ମାନପତ୍ର ପାଠ କରିଥିଲେ ।ପରିଶେଷରେ ବରିଷ୍ଠ ପ୍ରାଧାପକ ବୈକୁଣ୍ଠ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏତଦବ୍ୟତୀତ ଅଧାପକ ଶରତ ଚନ୍ଦ୍ର ଦାଶ, ବୈଷ୍ଣବ ଦାସ , ଉମାକାନ୍ତ ନାୟକ, ନିରଞ୍ଜନ ନାୟକ, ବିଶ୍ୱଜିତ୍ ବେହେରା , ରାଜେନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ମହାପାତ୍ର, ରଞ୍ଜିତ ରାଉତ , ମାନସ ଧାରୁଆ , ଅଧାପିକା ଇତିଶ୍ରୀ ସେଠୀ, ଜୁହି ପଣ୍ଡା , ଜୟନ୍ତୀ ସାହୁ , ବଡ଼ବାବୁ ପୁଷ୍ପଲତା ପ୍ରଧାନ, ହିସାବ ରକ୍ଷକ ଭୀଷ୍ମ ରାଉତ ଏବଂ ମହାବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଟ୍ରକ ପଛରେ କଣ୍ଟେନର ଧକ୍କା : ଚାଳକ ଗୁରୁତର

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ନେମ ଏଣ୍ଡ ଫେମ ସ୍କୁଲ ସମ୍ମୁଖରେ ଛିଡା ହୋଇଥିବା ଏକ ଟ୍ରକ ପଛରେ କଣ୍ଟନର ଧକ୍କା ହେବା ଫଳରେ କଣ୍ଟେନର ଚାଳକ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶଯେ ୨୦ ନମ୍ବର ଜାତୀୟ ରାଜପଥରେ ଏକ ଲୁହାପଥର ବୋଝେଇ ଟ୍ରକ (ଓଡି୩୪ ଟି ୫୫୪୪) କେଉଁଝରରୁ ଆସି ପାଣିକୋଇଲି ନେମ ଏର୍ଡ ଫେମ ବିଦ୍ୟାଳୟ ସମ୍ମୁଖରେ ରାସ୍ତା କଡରେ ଛିଡା ହୋଇଥିଲା । ପଛରୁ ଯାଜପୁରରୋଡ ପଟୁ ଏକ କଂଟେନର ( ଏନଏଲ ୦୧ଏକେ ୬୩୪୬) ଦ୍ରୁତ ଗତିରେ ଆସି ଭାରସମାଯ ହରାଇ ଛିଡା ହୋଇଥିବା ଟ୍ରକ ପଛରେ ଧକ୍କା ଖାଇଥିଲା । ଫଳରେ କଂଟେନର ଟିର ସମ୍ମୁଖ ଭାଗ ଚୁରମାର ହେବା ସହିତ ଚାଳକ ଗାଡି ଭିତରେ ରହିଯାଇଥିଲା । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ଓ ରାଜପଥ ପେଟ୍ରୋଲିଂଗ ଗାଡି ପହଂଚି ଆହତ ଚାଳକ ଉତରପ୍ରଦେଶ କୁଶିନଗର ଜିଲ୍ଲା କସିଆ ନାକାହାଣି ଥାନା ନାକାହାଣି ଗ୍ରାମର ମଗରୁ ରାଜବାହାରଙ୍କ ପୁଅ ମୁନିବ ରାଜବାହାର (୩୫)କୁ ଉଦ୍ଧାର କରି ଚିକିତ୍ସା ନମନ୍ତେ ପଠାଇଥିଲେ । ପୁଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

# ଚାଷ ଜମିର ସୁରକ୍ଷା ଅଭିଯାନ ସମ୍ପର୍କରେ ସଚେତନତା ଶିବିର



ରଘୁନାଥପୁର,(ସବ୍ୟୁ): ଟକ ସ୍ଥିତ ସିଆରଆରଆଇ (କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ) ପକ୍ଷରୁ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁଆମଙ୍ଗା ଗ୍ରାମର ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ସନ୍ତୁଳିତ ସାର ପ୍ରୟୋଗ ଓ ଚାଷଜମି ସୁରକ୍ଷା ଅଭିଯାନ ସମ୍ପର୍କରେ ଚାଷୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବୈଜ୍ଞାନିକ ଡ଼ଃ ପ୍ରକାଶ ଚନ୍ଦ୍ର ଜେନା,ଡ଼ଃ ଗୌରବ କୁମାର,ପ୍ରଧାନ ବୈଜ୍ଞାନିକ ଡ଼ଃ ବିଶ୍ୱଜିତ ମଣ୍ଡଳ, ସିନିୟର ଟେକନିକାଲ ଆଶିଷ୍ଟାଣ୍ଟ ଅଙ୍କିତ ଆନନ୍ଦ,ସିନିୟର ଟେକନିକାଲ ଅଫିସର ପଦ୍ମଲୋଚନ ଦେହୁରୀ, ସିନିୟର ଟେକନିଶିୟାନ ତାପସ ବେହେରା ପ୍ରମୁଖ ଉପସ୍ଥିତ ହୋଇ ରାସାୟନିକ ସାର ଓ ବିଷ ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ ଓ ଚାଷ ଜମିର ମୃତ୍ତିକା ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଜୈବ କୃଷି ବିଶେଷଜ୍ଞ ବିଷ୍ଣୁପଦ ଜେନା ଓ ଜୈବ ଚାଷ ବିଶେଷଜ୍ଞ କୃଷ୍ଣଚନ୍ଦ୍ର ସାମନ୍ତରାୟ ମାଷ୍ଟର ଟ୍ରେନର ଭାବେ ଚାଷୀଙ୍କ ନିକଟରେ ରାସାୟନିକ ସାର ପ୍ରୟୋଗର ଭୟାବହତା ଓ ଜୈବିକ ସାର ପ୍ରୟୋଗର ବିଶେଷ ଉପକାରିତା ଉପରେ ତଥ୍ୟ ରଖିଥିଲେ।ଜମିର ଉର୍ବରତା ବଜାଇ ରଖିବା ପାଇଁ ପ୍ରତିଯୋଗିତା ମୂଳକ ଭାବେ ସାର ଓ ବିଷ ବ୍ୟବହାରକୁ ବନ୍ଦ କରିବା,ନିଜ ଜମିକୁ ସାର ଓ ବିଷ ମୁକ୍ତ କରିବା ପାଇଁ କୃଷି ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ସଠିକ ଜ୍ଞାନ ଆହୋରଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲେ ।।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମଲ୍ଲିକ,ପୂର୍ବତନ ସରପଞ୍ଚ ବଳରାମ ଦଳାଇ,ସଫଳ ଚାଷୀ ଆଦିତ୍ୟ ଶୁକ୍ଳା,ସୁକାନ୍ତ ତିଆଡ଼ି,ବୈରାଗୀ ମଲ୍ଲିକ, ଅଭୟ ମଲ୍ଲିକ, ଅଶୋକ ମଲ୍ଲିକ, ରବି ଦାସ ,ପ୍ରଶାନ୍ତ ମଲ୍ଲିକ, ମଞ୍ଜୁରାଣୀ ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ବିଭୂଭୂଷଣ ମଲ୍ଲିକ, ଯୋଗଦେଇ ଚାଷୀମାନଙ୍କୁ ସନ୍ତୁଳିତ ସାର ପ୍ରୟୋଗର ଆବଶ୍ୟକତା ଏବଂ ଉପକାରିତା ବିଷୟରେ ସଚେତନ କରିଥିଲେ।ଏହାଛଡା ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଚାଷୀଙ୍କୁ ସଚେତନତା କରାଯାଇଥିଲା। ଧାନ ଗବେଷଣା କେନ୍ଦ୍ରରେ ବିକଶିତ ହୋଇଥିବା ଟେକ୍ନିକ, ପତ୍ର ରଙ୍ଗ ଚାର୍ଟ ଏବଂ ପ୍ରାକୃତିକ ଚାଷ ପ୍ରଣାଳୀ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା।ଏଥିରେ ୫ ଶହରୁ ଉର୍ଦ୍ଧ୍ୱ ଚାଷୀ ଭଉଣୀ ଓ ଭାଇମାନେ ଯୋଗଦେଇ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ବିଭୁଭୁଷଣ ମଲ୍ଲିକ ପରିଚାଳନା କରିଥିଲେ।

# ମାର୍ଶାଘାଇ ବ୍ଲକ ସୁଭଦ୍ରା ଶକ୍ତିକେନ୍ଦ୍ର ହସ୍ତାନ୍ତର ଦାବି

କେନ୍ଦ୍ରାପଡା,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକରେ ସୁଭଦ୍ରା ଶକ୍ତି କେନ୍ଦ୍ର ହସ୍ତାନ୍ତର କରୁନଥିବା ଏବଂ ଜିପିଏଲ୍‌ଏଫ୍ ଏବଂ ଇସି ସଭ୍ୟମାନଙ୍କର ମାସିକ ଏଫ୍‌ଟିଏ ଏବଂ ମିଟିଂ ଫିସ୍ ପ୍ରଦାନ କରୁନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମାର୍ଶାଘାଇ ବ୍ଲକସ୍ତରୀୟ ମହାସଂଘ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ସରକାରଙ୍କ ନିର୍ଦ୍ଦେଶାନୁସାରେ ପଂଚାୟତ ମହାସଂଘ ଗୁଡିକରେ କାର୍ଯ୍ୟରତ ଇସି ସଭ୍ୟମାନଙ୍କର ପ୍ରତି ମାସରେ ଗସ୍ତ ଖର୍ଚ୍ଚ ମିଳିବା କଥା କିନ୍ତୁ ଏହି ବ୍ଲକର ମଣୀକୁନ୍ଦା ଜିପିଏଲ୍‌ଏଫ୍‌ର ଇସି ସଭ୍ୟମାନଙ୍କର ଗସ୍ତ ଖର୍ଚ୍ଚ ଗତ ଦୁଇ ବର୍ଷ ହେଲା ନିଆଯାଉନାହିଁ ଏବଂ ଜିଲ୍ଲାର ୯ ଗୋଟି ବ୍ଲକ ମଧ୍ୟରୁ ୮ ଗୋଟି ବ୍ଲକରେ ସୁଭଦ୍ରା ଶକ୍ତିକେନ୍ଦ୍ର ହସ୍ତାନ୍ତର କରାଯାଇଥିବାବେଳେ କେନ୍ଦ୍ରାପଡା ବ୍ଲକ ମାର୍ଶାଘାଇ ବ୍ଲକରେ ଏହା ନିର୍ମାଣ ସରିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଶକ୍ତି କେନ୍ଦ୍ର ହସ୍ତାନ୍ତର କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସଭ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକକୁ ସଭ୍ୟମାନେ ଆସିବା ପରେ ବସିବା ପାଇଁ ଜାଗା ନଥିବାରୁ ଏମାନେ ବୈଠକ କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ମହିଳା ମହାସଂଘର ସଭାନେତ୍ରୀ ଶର୍ମିଷ୍ଠା ନାୟକ, ସଂପାଦକ ଭାରତୀ ଦଳାଇଙ୍କ ସମେତ ବିଳାସିନୀ ପ୍ରଧାନ, କନକଲତା ଗୁରୁ, ସୁନିତା ସ୍ୱାଇଁ, କଲ୍ୟାଣୀ ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟାସମାଧାନ କରିବା ପାଇଁ ଦାବି କରିଛନ୍ତି।

# ସମାଜସେବୀଙ୍କ ପରଲୋକ

ଡେରାବିଶ, (ସବ୍ୟୁ):ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ସମାଜସେବୀ ପ୍ରମୋଦ କୁମାର ସ୍ୱାଇଁ (୬୮)ଙ୍କର ବୁଧବାର ସକାଳୁ ପରଲୋକ ହୋଇଯାଇଛି । ଶ୍ରୀ ସ୍ୱାଇଁ ଜି ସକାଳୁ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖଯ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। । ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡ଼ିକାଲ୍ ନିଆଯାଉଥିବା ବାଟରେ ନିଶ୍ଚିନ୍ତ କୋଇଲି ନିକଟରେ ତାଙ୍କର ପରଲୋକ ହୋଇଯାଇଥିଲା। । ଫଳରେ ତାଙ୍କୁ ସେଠାରୁ ଘରକୁ ଫେରାଇ ଅଣାଯାଇଥିଲା। । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଚିତରଞ୍ଜନ ମୁଖାଗ୍ନି ଦେଇଥିଲେ ।

